ଭାନୁମତୀ ବିବାହ

ଶୁଣ ହୋ ରାଜନ ବିଜୟ ନଗ୍ର ବୋଲିଣ ସେ ଦକ୍ଷିଣ କୋଶଳେ
ଭୂମନୁ ବୋଲି କରି ତହିଂର ମହୀପାଳେ । ୧
ତାହାର ଭାରିଯା ନାମ ଭୁବନାବତୀ
ତାହାର ଦୁହିତାର ନାମ ହୋଇଲା ଭାନୁମତୀ । ୨
ବଡାଇ ସୁନ୍ଦର ସେ ଅଟଇ ମହାଗ୍ୟାନୀ
ବେଦଶାସ୍ତ୍ରେ ନିର୍ଜିତ ଯେ ଅଟଇ ପୁଣ୍ୟମାନୀ । ୩
ମାତାର ତହୁଂ ସେ ଯେ କଲା କ୍ଷୀର ପାନ
କ୍ଷୀର ଆହାରେ ବ୍ରତଇ ନ ଭୁଞ୍ଜଇ ଅନ୍ନ । ୪
ଦେବାଙ୍ଗ ବସନ ଯେ ପିନ୍ଧଇ ଯୁଗତେ
ନ ପଢିଣ ଶାସ୍ତ୍ର ସେ ବଖାଣୁ ଥାୟେ ନିତ୍ୟେ । ୫
କୋକିଳ ଧ୍ୱନି ସୁସ୍ୱରେ ଭାଷଇ ଦିବ୍ୟ ରସେ
ବିତକ୍ଷଣ ସୁନ୍ଦରୀ ସେ ନାହିଂ ନା ଆକାଶେ । ୬

-------

୪ ।୨ କ୍ଷୀର ଆହାରୁଂ ସେ ନ ଲୋଡଇ ଆନ ।

ଭୂମନୁ ପଚାରଇ ଗୋ ସ୍ତିରୀ ଜନ୍ମ ତୁହି
କାହାକୁ ପ୍ରଦାନ ଗୋ କରିବାକ ଆୟି । ୭
ଶୁଣିଣ ବଚନ ଯେ ବୋଲଇ ଭାନୁମତୀ
ତୁ ମୋତେ ବିମୁଖ ନୋହ ମୁଂ ଅଟଇ ମହାସତୀ । ୮
ଆମ୍ଭେ ଚାରିକନ୍ୟା ଶୂନ୍ୟର ଯେ ଦେବତୀ
ଦ୍ୱାପର ଯୁଗେ ଆସି ମଧ୍ୟ ଭୁବନେ ଉତପତ୍ତି । ୯
ସତ୍ୟ ଯୁଗେ ଆମ୍ଭେ ରତି ଅହିଲା ଦମନ୍ତୀ ବେଦମତୀ
ତ୍ରେତୟାରେ ସୀତା ତାରା ସାବିତ୍ରୀ ଇନ୍ଦୁମତୀ । ୧୦
ଦ୍ୱାପରେ ଆମ୍ଭେ ଜନ୍ମିଲୁ ରେବତୀ ରୁକ୍ମଣୀ
ଭାନୁମତୀ ଦ୍ରୋପତୀ ଆମ୍ଭେ ଚାରି ଯେ ଭୟେଣୀ । ୧୧
ତୁମ୍ଭେ ଆମ୍ଭଙ୍କୁ ବିମୁଖ ନୋହସି ହୋ ତାତ
ମରି ନ ମରି ଆମ୍ଭେ କୌତୁକେ ହୋଉ ଜାତ । ୧୨
ଆମ୍ଭର ଯେତେବେଳେ ତାତ ହୋଇବଟି ଇଛା
ତୋହୋର ଆଗରେ କହିବୁ ଯେହ୍ନେ ମନ ବାଞ୍ଛା । ୧୩
ୟେହୁ ବଚନେଣ ସମୟେକ ଗଲା
ଶୟେ ଚଉଷଠୀ ବରଷ ସ-ୂର୍ଣ୍ଣ ହୋଇଲା । ୧୪
ବାଳୁତ ଭାବେଣ ସେ ଖେଳଇ କୁମାରୀ
ପୁଣିହିଂ ଭୂମନୁ ଦୁହିତାକୁ ପଚାରି । ୧୫
ମା ଗୋ କେହେନେକ ଆଗ୍ୟାଂ ଦେବୁ ନାହିଂ କି ମୋତେ
କାହାକଇ ପ୍ରଦାନ କରିବଇଂ ତୋତେ । ୧୬
ଭାନୁମତୀ ବୋଇଲା ଯେବେ ହୋଇଲୁ ଆରତ
ରାଜାନ୍ତ ଆଣି ସୟମ୍ବର କର ତାତ । ୧୭
ଦୁହିତାର ବଚନେ ଭାଷିଲା ନୃପମଣି
ଧନବନ୍ତ ରାଜା ମୁଂ ଗୋ ନୋହଇ ଦୁଲଣି । ୧୮
ଲକ୍ଷେ ନୃପତି ଯେ ଅଛନ୍ତି ପୃଥିବୀରେ
ସୟମ୍ବର କଲେ ଆସିବେ ସବୁ ନୃପବରେ । ୧୯
ଯାହାକୁ ନୁଆଣିବି ସେ ହୋଇବ ଅବରଣ
ଧର୍ମ ନାଶ ଯିବ କାର୍ଯ୍ୟ ହୋଇବ ଅକାରଣ । ୨୦

-------

୧୦ ।୧  ସତ୍ୟଯୁଗେ ଅହଲ୍ୟା ଯେ ଅରୁନ୍ଧତୀ ରତି ଦମୟନ୍ତୀ ।

ସତ୍ୟ ଯୁଗେ ଯାଗ କଲେ ଜମଦଅଗ୍ନି ମହାଯତି
ସହସ୍ରା ଅର୍ଜୁନଙ୍କୁ ନ ବରି ବରିଲେ ସବୁନ୍ତି । ୨୧
ୟେକା ଜଣକ ସେ ଧାଡି ଦିଲାକ ଯଗଂ୍ୟକାଳେ
ଶହସ୍ର ଘାୟେ ପଳାଇଲେ ଯେ ସମସ୍ତ ମହୀପାଳେ । ୨୨
ଜମଦଅଗ୍ନିର ସେ ଆସି ଛେଦିଲାକ ଶିର
ଯାଗ ଭାଙ୍ଗିଣ ସେ ସମସ୍ତ କଲା ଜୁର । ୨୩
ସୟଂବର କଲେ ସେ ସମସ୍ତ ଲୋକ ଆସି ଯାଇ
କାରଯ ନୋହିଇ ସେ ଆପଣେ ନାଶ ଯାଇ । ୨୪
ଭାନୁମତୀ ବୋଇଲା ତାତ ସୟମ୍ବର ଯାଗ କଲେ
ଧର୍ମ ନାଶ ଯାଇଂ ଜଣେକ ହିଂ ନ ବରିଲେ । ୨୫
ଭୂମନୁ ବୋଇଲା ମୁଂ ଅଟଇ ଧନହୀନ
ୟେତେ ସନ୍ୟଙ୍କୁ ମା ଗୋ କାହୁଂ ଦେବି ଅନ୍ନ । ୨୬
ଭାନୁମତୀ ବୋଇଲେ ତାତ ଧନଙ୍କୁ ନ କରସି ଚିନ୍ତା
ମୁହିଂ ସେ ତୋତେ ହୋ ଧନ ଅନ୍ନ ଯେ ଦିଅନ୍ତା । ୨୭
ଭୂମନୁ ବୋଇଲେ ମୁଂ ସ୍‍ତେ କେହ୍ନେ ଯିବି
ପରୀକ୍ଷ ଦେଖିଲେ ମୁଂ ତ୍ରିପୁତି ହୋଇବି । ୨୮
ଯୋଗାଡ ଗୋଟିୟେ ତାତ ନିର୍ମିତ ତୁମ୍ଭେ କର
ମୋହୋର ମନ୍ତ୍ର ପାଣି ଫୁଟିୟେକ ଭର । ୨୯
ସେ ପାଗ ରାନ୍ଧିଲେ ହୋଇବ ଅମିୟ ରସ
ସମଦଣ୍ଡ ସନ୍ୟ ତୋହୋର ଇଛାୟେମ ପରଶ । ୩୦
ଲକ୍ଷେକ ରାଜାର ୟେତେକ ସଇନି
ଇଛାୟେ ଭୁଞ୍ଜନ୍ତୁ ତାତ ଯେ ଯାହା ଥାଠ ସୈନ୍ୟ ଘେନି । ୩୧
ପରୀକ୍ଷ ନିମନ୍ତେ ଦେବୀ ମନ୍ତ୍ର ପାଣି ଦିଲା
ନିଜ ପାକେ ନେଇ ଭୂମନୁ ବସାଇଲା । ୩୨
ଅମୃତ ରସ ପାଗ ହୋଇଲା ଯୁଗତେ
ପରଶିଲେ ନ ସରଇ ସିନି ବଳ ୟେତେ । ୩୩
ୟେକାଦଶ କ୍ଷଉଣୀ ରାଜାର ଅଟଇ ଥାଠ
ୟେକା ଯୋଗାଡକେ ସମସ୍ତଙ୍କୁ ଅନ୍ନ ନ ହେଲା ନିଅଣ୍ଟ । ୩୪
-------
୨୯ ।୨  ମୋହୋର ମନ୍ତ୍ର ପାଣି ଫୁଟିୟେ ନିଉତ ।

ଭୂମନୁ ବୋଇଲା ମା ଗୋ ୟେ ବଡ ଦୁଲଭ
ୟେ ମଧ୍ୟ ଭୁବନେ ନାହିଂ ଗୋ ୟେସନେକ ସୁଲଭ । ୩୫
ୟେମନ୍ତ ପ୍ରସନ୍ନଙ୍କୁ ଅଟୁ ଅତୁଟାଇ
କେଉଂଣ ପୁଣ୍ୟ ବଳେ ୟେସନେକ ଭିଆଇ । ୩୬
ଦୁହିତା ପ୍ରତିବାଚ ତାତ ଶୁଣିମା ଭୂଅପତି
ବ୍ରହ୍ମାଙ୍କର ଭାରିଯା ଅଟଇ ସାବିତ୍ରୀ । ୩୭
ଆମ୍ଭେ ସାତ କନ୍ୟା ତାହାଙ୍କର ପରିବାରୀ
ରେବତୀ ରକ୍ମଣୀ ଭାନୁମତୀ ଦ୍ରୋପଦୀ ଆଦି କରି । ୩୮
ଅରୁନ୍ଧତୀ ଅଞ୍ଜନା କମଳା ଘେନି ସାତ
ସେ ବ୍ରହ୍ମାୟେଣୀ ପ୍ରସନ୍ନେ ଆମ୍ଭଙ୍କୁ ରାନ୍ଧଣା ବିଦ୍ୟା ପରାପତ । ୩୯
ଭୂମନୁ ବୋଇଲା ମା ଗୋ ମଳାଇଲୁ ଅନ୍ନ
ଧନ ନ ଥିଲେ ନୋହଇ ଅବିଛନେ ଦାନ । ୪୦

ଭାନୁମତୀ ବୋଇଲା ତାତ ଧନକୁ ନ କର ଚିନ୍ତା
ଯେତେ ଧନ ମାଗୁ ତାତ ମୁଂହି ସେ ଦିଅନ୍ତା । ୪୧
ଭୂମନୁ ବୋଇଲେ ମା ଗୋ ପରୀକ୍ଷକୁ ମୋତେ ଦେଖାଇବୁ ନା କାରଣ
ପରୀକ୍ଷ ଦିଲେ ସୟଂବରକୁ ସ୍ୱୀକାର କରିବି ୟେହିକ୍ଷଣ । ୪୨
ଭାନୁମତୀ ବୋଇଲା ତାତ ୟେହି ସେ ପାଷାଣ
ଧରା ଧରି କରିମ ମୋହୋର ଛାମୁକୁ ଆଣ । ୪୩
ସାତ ସାଙ୍ଗୀ ଲାଗିଲା ଦୃଢ କରି
ଭାନୁମତୀ ଛାମୁରେ ଆଣି ଥୋଇଲେ ଥିର କରି । ୪୪
ଭାନୁମତୀ ଡାହାଣ କର ଘଷିଲା ପାଷାଣେ
ଅଗ୍ନିହୁଂ ଉତ୍ତାର ରତ୍ନ ହୋଇଲା ତତକ୍ଷଣେ । ୪୫
ଦେଖିଣ ଆଶ୍ଚିଜ ଯେ ଭୂମନୁ ନରପତି
ପ୍ରତକ୍ଷେ ଲକ୍ଷ୍ମୀ ମା ଗୋ ହୋଇଛୁ ଉତପତ୍ତି । ୪୬
ଭାନୁମତୀ ବୋଇଲା ତାତ ମୋର ଜନ୍ମେ ଜନ୍ମେ ୟେ ସିଦ୍ଧି
ଦୁଇ ହାଥେ ଅଛି ମୋର ଶଙ୍ଖ ପଦ୍ମନିଧି । ୪୭

--------

୪୦ ।୧ ଭୂମନୁ ବୋଇଲା ମା ଗୋ ମିଳିଲା ୟେବେ ଅନ୍ନ ।
୪୫ ।୨ ଅଗ୍ନି ହୁଂ ତେଜ ସେ ସୁବର୍ଣ୍ଣ ହୋଇଲା ତତକ୍ଷଣେ ।
ପାଣି ଦ୍ରବ୍ୟ ଉତପତ୍ତି ପାଷାଣ ହୋଇଲା ତତକ୍ଷଣେ ।

ମାଂକତା ପଥରେ ଲଗାଇଲେ ମୋର କର
ଯଉଂ ରତ୍ନ ଇଛିବି ସେହି ହୋଇବ ପାଣିଦ୍ରବ୍ୟ ସାର । ୪୮
କନ୍ୟ ମାସ ଶୁକଳ ପକ୍ଷ ଦଶମୀ ଯେ ତିଥି
ଶରଦ ଉଛବ ଅନ୍ତେଣ ଅପରାଜିତା ପାର୍ବତୀ । ୪୯
ପଣ୍ଡିତ ବାର ଯେ ଶ୍ରବଣା ନକ୍ଷତ୍ରେ
ସୟଂବରକୁ ଅନକୂଳ ଘେନଇ ଭୂମନୁ ନୃପତ୍ୟେ । ୫୦
ଶୂଦ୍ରକ ନାମେଣ ତାର ମନ୍ତ୍ରୀକି ତତକ୍ଷଣେ ରାଇ
ରାଜାନ୍ତ ନିମନ୍ତ୍ରଣ କର ସୟଂବର କୃତ୍ୟ କହି । ୫୧
ଶୂଦ୍ରକ ମନ୍ତ୍ରୀ ଶୁଣ ଅନେକ ହରଷ
ଦେଶାଉର ପେଷିଲା ସେ ଚାରଦିଗ ପାଶ । ୫୨
ଭାନୁମତୀ ସାଦ୍ରିଶେ ଚିତ୍ରପଟେକ ଲିହିଲା
ରାଜାଙ୍କୁ ଦେଖାଇବାକୁ ସେ ସନ୍ଦେଶ ଭିଆଇଲା । ୫୩
ମନ୍ତ୍ରୀର ବଚନେ ଯେ ଚଳିଲେ ସର୍ବ ଦୂତେ
ରାଜାନ୍ତ ନିମନ୍ତ୍ରଣ କରନ୍ତି ତୁରିତେ । ୫୪
ଭାନୁମତୀର ସୟଂବର ବୋଲିଣ ଜଣାଇଂ
ଲେଖନ ଚିତ୍ରପଟ ଛାମୁରେ ଦେଖାଇଂ । ୫୫
ଭାନୁମତୀର ଛାମୁକୁ ରାଜା ଆଣଇଂ ପାଷାଣ ସର୍ବ
ତାହାର କର ଲାଗନ୍ତେ ହୋଅଇ ପାଣିଦ୍ରବ୍ୟ । ୫୬
ୟେମନ୍ତେ ରାଜାର ଅନେକ ପାଣିଦ୍ରବ୍ୟ ହୋଇଲା
ନବର ଭଣ୍ଡାରମାନ ଯେ ଥୋଇତେ ଠାବ ନୋହିଲା । ୫୭
ବିଶ୍ୱକର୍ମା ମୂଳେ ଅନେକ ଦ୍ରବ୍ୟ ବାଣ୍ଟି
ଛାୟା ମଣ୍ଡୋପକେ ଉପାୟେ କରିଣ ଘଟି । ୫୮
ଛାୟା ମଣ୍ଡୋପ ଭିଆଇଲା ଶୁଭ ଯୋଗେ
ଛତ୍ର ଘରମାନ ରାଜା ଭିଆଇଲା ବେଗେ, ବେଗେ । ୫୯
ଅଶ୍ୱଶାଳ ଗଜଶାଳ ନଦୀ କୂଳେ ତୋଳାଇ
ସୁବର୍ଣ୍ଣର କଳସ ରାଜା ଘରେ, ଘରେ ବସାଇ । ୬୦

-------

୪୯ ।୨  ଶରଦ ଉଛବ ଅନ୍ତେଣ ଅପରାଜିତା ପର୍ବତିଥି । (ପା)
୫୨ ।୨  ପେଷାଇଲା, ପେଷିଲା ଅଛି    ୫୬ ।୨  ପାଣିଦ୍ରବ୍ୟ-ସୁବର୍ଣ୍ଣ, ରତ୍ନ

ନେତର ପାତାଙ୍ଗ ଉଡଇ ଫରହର
କଦଳୀ ତ୍ରୋଣା ଯେ ଉଭାରନ୍ତି ଦ୍ୱାର ଦ୍ୱାର । ୬୧
ଅଶୀ ପଦ୍ମ ଘର ଯେ ଭୂମନୁ  ରାଜାର ନଗ୍ରରେ
ବିଜୟା ମଣ୍ଡଳ ଭୂମନୁ ରାଜା ମଣ୍ଡଇ ସମୃର୍ବରେ । ୬୨
ଯେସନେକ ଭୂମନୁ ପୁର ଦିଶଇ ଇନ୍ଦ୍ର ବାରସ୍ୱତୀ
କି ସେ ଭୁବନ ଦିଶଇ ଅଳକାପୁର ଜ୍ୟୋତି । ୬୩
ଅକ୍ଷତ ପାଇଣ ଆସନ୍ତି ରାଜାଗଣମାନେ
ପ୍ରବେଶ ହୋଇଲେ ଯାଇଂ ବିଜୟା ନଗ୍ର ଥାନେ । ୬୪
ପାଦାଅର୍ଘ୍ୟ ପାଦାସନ ଘେନିଣ ଭୂମନୁ ରାଜା
ସମସ୍ତ ନୃପତିମାନଙ୍କୁ କରଇ ପାଦ ପୂଜା । ୬୫
କଳିଙ୍ଗ ଉଡଙ୍ଗ ବଙ୍ଗ ଯେ ତେଲଙ୍ଗ
ଖାଞ୍ଜଣ ଦେଶ ଯେ ତିହୁଡି ଦେଶଭାଗ । ୬୬
ଚିର ଦେଶ ବୀର ଦେଶ ମହାତିରଣ ଦେଶ
ଭୋଟ ଦେଶ ମନ୍ଦାର ଦେଶ କାଉଂରୀ ଯେ ଦେଶ । ୬୭
ମଙ୍ଗଳା ଦେଶ ଡାହାଳ ଦେଶ ଦେଶ ବେଲାଉଳ
କ୍ଷୀରଣ ଦେଶ ଖେଚର ଦେଶ ଦେଶ ଯେ ଭୂପାଳ । ୬୮
ମାଳବ ଦେଶ ଗୁର୍ଜର ଦେଶ ଦେଶ ମରହଟ୍ଟ
ମଗଧ ଦେଶ ମସ୍ୟ ଦେଶ, ଦେଶ ଯେ ଗୁଜୁରାଟ । ୬୯
କାଶୀ ଦେଶ କଉଶିକ ଦେଶ, ଦେଶ ଯେ କୁବୁଜ
ଉଜ୍ଜୟିନୀ ଦେଶ ପାରିଜାତ କନାଉଜ । ୭୦
କ୍ଷେତ୍ର ଦେଶ, ବିକ୍ଷେତ୍ର ଦେଶ, ଦେଶ ଯେ ଗାନ୍ଧାର
ନୀଳ ଦେଶ, ଅନୀଳ ଦେଶ, ଦେଶ ଯେ ନେପାଳ । ୭୧
ଶାଖା ମଣ୍ଡଳ ଭାଖା ମଣ୍ଡଳ ବଜ୍ରଗିରି ମଣ୍ଡଳ
ଶୋଣିତ ମଣ୍ଡଳ ଯେ କଣୟ ମଣ୍ଡଳ । ୭୨
ମେରୁ ମଣ୍ଡଳ ରାଜା ଆସନ୍ତି ସକଳ ମଳୟ ମଣ୍ଡଳ
ମନ୍ଦର ମଣ୍ଡଳ ଆବର ପଦ୍ମ ଯେ ମଣ୍ଡଳ । ୭୩

-------

୬୨ ।୧  ଶାଖା ମଣ୍ଡଳ ଭାଖା ମଣ୍ଡଳ ବିଂଝଗିରି ମଣ୍ଡଳ
୬୧ ।୧  ପାତାଙ୍ଗ-ପତାକା, ୬୪ ।୨   ଥାନେ-ସ୍ଥାନେ

କୋଶଳ ମଣ୍ଡଳ ଯାଜନଗ୍ର ମଣ୍ଡଳ
ଅମର ମଣ୍ଡଳ କୁଞ୍ଜଗଳ ମଣ୍ଡଳ । ୭୪
ବାରୁଣା ମଣ୍ଡଳ ଇନ୍ଦ୍ର-ପ୍ରଶସ୍ତ ମଣ୍ଡଳ । ୭୫
ଯେମନ୍ତେ ଛତିଶ ମଣ୍ଡଳ ଜମ୍ବୁଦ୍ୱୀପ ପୃଥୀ
ବାର ରାଷ୍ଟ୍ର କରିଣ ଯେହା ଭିଆଇଲେ ଯଯାତି । ୭୬
ବୀର ମଲ୍ଲ ସିଂହ ମଲ୍ଲ ଅପ୍ରମିତ ରାଷ୍ଟ୍ର
ଚିତ୍ର ରାଷ୍ଟ୍ର ଯେ ଜଳନ୍ତର ରାଷ୍ଟ୍ର । ୭୭
ଭାନୁ ରାଷ୍ଟ୍ର ଆଦି ଆବର ଯେତେ ରାଷ୍ଟ୍ର
ଅଯୋଧ୍ୟା ରାଷ୍ଟ୍ର ବିନ୍ଧ୍ୟମାଳ ରାଷ୍ଟ୍ର ସିଂହ ରାଷ୍ଟ୍ର । ୭୮
ପଶ୍ଚିମେ ସୋମ ରାଷ୍ଟ୍ର ଦକ୍ଷିଣେ ଉଡ ରାଷ୍ଟ୍ର
ମଧୁବନ ରାଷ୍ଟ୍ର କଣୟ ସଉରାଷ୍ଟ୍ର । ୭୯

ଯେମନ୍ତେ ବାର ରାଷ୍ଟ୍ର ଭିଆଣ ଯେ ମୂଳେ
ରାଷ୍ଟ୍ରପତିମାନେ ଭିଆଇଲେ ସର୍ବକାଳେ । ୮୦
କାମପୁର ନଗ୍ରୀ ଯେ ଉଜାଣ ନଗ୍ରୀ
ପାରୋଳା ନାମେ ନଗ୍ରୀ ଯେ ଯାଜନ ନଗ୍ରୀ । ୮୧
କାଞ୍ଚୀ ନଗ୍ରୀ, ରୁଦ୍ର ନଗ୍ରୀ ଯେ ହୋଳ ନାମେ ନଗ୍ରୀ
ବଡବାନଳ ନଗ୍ରୀ ବିଜାୟା ନାମେ ନଗ୍ରୀ । ୮୨

--------

ଭୁଜଙ୍ଗ, ଚୁଡଙ୍ଗ, ବିଜେପୁର, ଗୋରୀ, କର୍ଣ୍ଣାଟ, କାଶ୍ମୀର, ନିର୍ଝର, ଉତ୍କଳ, ପାଞ୍ଚାଳା, ଶୋଭାଙ୍ଗ, ବିଚିତ୍ର, ସୋମ ଦେଶ, ବିପଦ, ଦୃଷ୍ଟାନ୍ତ, (ଦୁରାନ୍ତ, ଦୃଶନ୍ତ) ଯେହି ଦେଶମାନଙ୍କରନ ନାମ ଦୁଇ ଖଣ୍ଡ ପୋଥିରେ ଅଧିକା ଅଛି, କିନ୍ତୁ ଉଦ୍ଧୃତ ମୂଳ ପାଠ ଅନ୍ୟ ପୋଥିମାନଙ୍କରେ ସମାନ ।

୭୬ ।୧ ମଣ୍ଡଳମାନଙ୍କ ମଧ୍ୟରୁ-ଦଣ୍ଡ, ମଧୁ, ସୁକାନ୍ତି, ଉଦେ, କ୍ଷୀଣ, ଗମୟ, ପୁଣ୍ୟ, ଶଉରୀ, କୋମର, ଅଟଳ ସିଂହ, ସୁଜନ, ଚୋଳ, ପାଣି, ହିମବନ୍ତ ନରେଶ୍ୱର, ସୁଢଳ, - ଗୋଟିୟେ ଗୋଟିୟେ ପୋଥିରେ ଅଧିକା ଅଛି । ଭାସ୍କର, ଧୃତି, ଧୁମାନ୍ତ-ଛପା ବହିରେ ଅଧିକ ।

୭୮ ।୨ ରାଷ୍ଟ୍ର ମଧ୍ୟରେ - କେରି ରାଷ୍ଟ୍ର, ବୀରମୟ, ଅପ୍ରମିତ, ବିଂଖିତ, ଜଳତୁରଙ୍ଗ, ଘୋଟ, ବାଉନୁ ବିରାଷ୍ଟ୍ର, ମନ୍ଦବଳ, ଅନୁମତି, କିୟା, ଅମିତ, ଜିତ, ଭୋଟ, ଅଜମିତ ।

୮୦ ଯେ ରୂପେ ବାର ରାଷ୍ଟ୍ର ଯେ ଭିଆମ ମଣ୍ଡଳେ
ରାଷ୍ଟ୍ରପତିମାନେ ଯେ ଯାହା ଆସନ୍ତି ସକଳେ ।

କୁଣ୍ଡ ନଗ୍ରୀ ବେଦ ନଗ୍ରୀ ଯେ ମାହେନ୍ଦ୍ର ନାମେ ନଗ୍ରୀ
ହିଂଜଳ ନାମେ ନଗ୍ରୀ କୋନ୍ଦାବଇ ନାମେ ନଗ୍ରୀ । ୮୩
ପଦ୍ମଦଳ ନଗ୍ରୀ, ବିଷ୍ଣୁ ନଗ୍ରୀ, ସୁର ନଗ୍ରୀ, ବ୍ରହ୍ମଧାତୁ ନଗ୍ରୀ
ଜମ୍ବୁଦ୍ୱୀପ ନଗ୍ରୀ, ଭୋଜ ନଗ୍ରୀ, ଅନୁଭବ ନାମେ ନଗ୍ରୀଷ ୮୪
ଯେ ନଗ୍ରମାନଙ୍କର ଯେତେକ ନୃପତି
ଭୂମନୁ ରାଜ୍ୟେ ବିଜେ କଲେ ସକଳ ଆଧିପତି । ୮୫
ଦକ୍ଷିଣେ ମହୋଦଧି କୋଶଳ ପଶ୍ଚିମେ ସୋମରାଷ୍ଟ୍ର କୋଶଳ
ଭୈରବ କୋଶଳ ଯେ କାଉଂରୀ କୋଶଳ । ୮୬
ଅରବିନ୍ଦ କୋଶଳ ବିଂଝମାଳ କୋଶଳ
ଉତ୍ତରା କୋଶଳ ଯେ ମସ୍ତଦେଶ କୋଶଳ । ୮୭
ମେରୁ କୋଶଳ କୁସୁମ ସତ୍ୟାନିଳ କୋଶଳ । ୮୮
ଭାନୁମତୀ କୋଶଳ ଯେ ଉଦୟଗିରି କୋଶଳ
ଈଶାନ୍ୟ ଭାଗେ ବସେ ଚାରି ଯେ କୋଶଳ । ୮୯
ଜଳ ତରଙ୍ଗ କୋଶଳ ଫାଲଗୁନ କୋଶଳ ପୁରୀ
ଅଜଙ୍ଗ କୋଶଳ ଚୁଡଙ୍ଗ କୋଶଳ ଚାରି । ୯୦
ଛଳରଙ୍ଗ କୋଶଳ ଫଲୁକୀ ଯେ ଅନନ୍ତାଇ କୋଶଳ
ଯେମନ୍ତେ ଆସନ୍ତି କୋଶଳ ଅଧିକାରୀ ସକଳ । ୯୧
କୋଶଳାଧିପତିମାନେ ଦଣ୍ଡ ଛତ୍ର ଘେନି
ଭାନୁମତୀ ଦେଶେ ପ୍ରବେଶ ଯେ ଯାହା ସନ୍ୟ ଘେନି । ୯୨
ଉତ୍ତର ଦକ୍ଷିଣ ପୂର୍ବ ପଶ୍ଚିମ ଦିଗ ଚାରି
ସମସ୍ତ ଦେଶରୁ ଯେ ଆସନ୍ତି ଦଣ୍ଡଧାରୀ । ୯୩

------

୮୫ ମୁଦ୍ରିତ ପୁସ୍ତକରେ - ନୀଳ, ଅନୀଳ ଯେନାବଳୀ, ମଥୁରା, ସୁଢଳ, ଯମୁନା, ଖଣ୍ଡପୁର, ବିନ୍ଧ୍ୟବର, ସୁବଳୟ, ବିତାଳ, କନଖଳ ଓ ମେଖଳ ପ୍ରଭୃତି ନଗରମାନଙ୍କର ମାନ ଅଛି । କିନ୍ତୁ ପ୍ରାପ୍ତ ପୋଥିମାନଙ୍କରେ ଯେମାନଙ୍କର ନାମ ନାହିଁ । ପୁନଶ୍ଚ କେତେକ ପୋଥିରେ ମନମୁଖୀ ନାମ ଅଛି ।

୮୮ ମେରୁ କୋଶଳ, କୁସୁମ, ମଳୟାନିଳ କୋଶଳ ।

୯୦ ।୧ ଅଜଙ୍ଗ କୋଶଳ କରଞ୍ଜ କୋଶଳ ଚାରି ।

ସବୁନ୍ତି ୟେକ ସରୂପେ ରାୟେ କରନ୍ତି ପୂଜା
ବର ବେଶେ ମଙ୍ଗଳେ ବିଜୟେ ସର୍ବ ରାଜା । ୯୪
ସମସ୍ତ ନୃପତିଙ୍କି କନେକ ସିଂଘାସନ
କରେଣ ରତ୍ନ ଦେଇ ରାଜା କରଇ ସମମାନ । ୯୫
ପଛିମେ ଦୁଇ ଉଣା ପଞ୍ଚାଶ ସହସ୍ର ନୃପତି
ଉତ୍ତରେ ୟେକ ଉଣା ଚାଳିଶ ସହସ୍ର ନୃପତି । ୯୬ ସଂ
ପୂର୍ବ ଦିଗେ ୟେକ ଉଣା ସାତ ସହସ୍ର ରାଜନ
ଦକ୍ଷିଣେ ତିନି ସହସ୍ର ରାଜା ବସନ୍ତି ବିଦ୍ୟାମାନ । ୯୭ ସଂ
ୟେମନ୍ତେ ଯେ ଚାରି ଉଣା ଲକ୍ଷେକ ନୃପତି
ଭାନୁମତୀ ଦେଶେ ଆସି ସମସ୍ତେ ମିଳନ୍ତି । ୯୮
ବ୍ରହ୍ମ, କ୍ଷତ୍ରିୟ, ବଶ୍ୟ, ଶୂଦ୍ର ଜାତି ଚାରି
ଦ୍ରତ୍ୟ ଦାନବ ରାକ୍ଷସ ପିଶାଚ ଆଦି କରି । ୯୯
କନ୍ଧ, ମହ୍ଲାର, କିରାତ, ବର୍ବର ନୃପତି
ଗନ୍ଧର୍ବ, ପକ୍ଷ, କିନ୍ନର, ଭୂପାଳ ବାରସ୍ୱତୀ । ୧୦୦
କନାଉଜ, ମହାରାଷ୍ଟ୍ର, ତେଲଙ୍ଗ, ମହାଭାଖା
ଉଡଙ୍ଗ, ଖାଞ୍ଜଣ ଘେନି ଅଷ୍ଟାଦଶ ବର୍ଗ ଲେଖା । ୧୦୧
ସମସ୍ତ ରାଜାମାନେ ଯେ ଯାହାର ସନ୍ୟ ତୁଲେ
ରଥ ଗଜ ଅଶ୍ୱ ଘେନି ସମୃରେ ବିଜେ କଲେ । ୧୦୨
ଦେଖିଣ ସାନନ୍ଦ ଯେ ଜମ୍ବୁସେନର ବାଳ
ସମସ୍ତ ରାଜାଙ୍କୁ ଦିଲା ବରଣ ରତ୍ନ ମାଳ । ୧୦୩
ଅନେକ ସୂପକାର ରନ୍ଧନ କରନ୍ତି ଛତ୍ରଶାଳେ
ନିତ୍ୟକର୍ମ ସାରି ମୁଣୋହିଂ କରନ୍ତି ସକଳ ମହୀପାଳେ । ୧୦୪
ରାଜାନ୍ତ ସମାର୍ଜି ସେ ଭୂମନୁ ନୃପତି
ଆପଣେ ବିଜେ କଲେ ଯହିଂ ଅଛି ଦୁହିତା ଭାନୁମତୀ । ୧୦୫
ବିନୟ ଭା ହୋଇ ସେ ପଚାରେ ନୃପତି
ମା ଗୋ ତୋହୋର ଆଗ୍ୟାଂୟେ ଅଣାଇଲି ରାଜା ସବୁନ୍ତି । ୧୦୬
ବୋଲଇ କେବଣ ବିଧାନ ହେବ କହ ତଥ୍ୟ କରି
ମାଳ ଗୋଟିୟେ ଘେନି ଗୋ ତୋହୋର ଇଚ୍ଛାୟେ ବର ବରି । ୧୦୭

ଅନେକ ସମୃର୍ବେ ଯେ ବିଜେ କଲେ ନୃପ
ତୁହି ସେ ବାରିବୁ ନା ରାଜାଙ୍କର ବିଚକ୍ଷଣ ରୂପ । ୧୦୮
ଭାନୁମତୀ ବୋଇଲା ତାତ ବିଚାର କର ତୋର ବୁଦ୍ଧି
କେବଣ ରାଜା କରେ ଅଛି ଶଙ୍ଖ ପଦ୍ମନିଧି । ୧୦୯
ସେ ରାଜାକୁ ପ୍ରଦାନ କରିବୁ ତାତ ମୋତେ
ଭୂମନୁ ବୋଇଲା ମା ଗୋ ତାହା ମୁଂ ଜାଣିମି କେମନ୍ତେ । ୧୧୦
ତୁ ଗୋ ମାତ ଦେଖ ଯାଇ ରାଜାଙ୍କର ବର୍ଣ୍ଣ ଚିହ୍ନ
ତୁ ପରମ ମାହେଶ୍ୱରୀ ସେ ସବୁ ତୋତେ ଦୃଶ୍ୟମାନ । ୧୧୧
କନ୍ୟା ଶୁକଳ ଯେ ଦଶମୀର ଦିନ
ଭୃଗୁବାର ନକ୍ଷତ୍ର ଶ୍ରବଣା ବିଦ୍ୟମାନ । ୧୧୩
ରାଜାୟେ ସୟଂବରକୁ ଅନକୂଳ କଲେ
ଚତୁର୍ମାସର ମଧ୍ୟେ ସଭା ସମୃର କରାଇଲେ । ୧୧୪
ମକର ମାସ ଶୁକଳ ପକ୍ଷ ଦଶମୀର ତିଥି
ରୋହିଣୀ ନକ୍ଷତ୍ର ଯେ ବାର ବୃହସ୍ପତି । ୧୧୫
ବାଳକ ନାମେ କରଣ ବଇଧୃତ ନାମେ ଯୋଗ

ମକର ମାସ ସଂକରାନ୍ତିକି ଚଉଦ ଦିନ ଭୋଗ । ୧୧୬
ତାର ଚନ୍ଦ୍ର ଯୋଗ ବାର ନକ୍ଷତ୍ର ଶୁଭ ଅନକୂଳ ବିଚାରି
ଅମୃତ ଯୋଗେ ନୃପତି ସଭାକୁ ସ୍ୱୀକାର କରି । ୧୧୭
ଶ୍ରୀହସ୍ତେ ଅର୍ଘ୍ୟ ଘେନି ଭୂମନୁ ମହାରାଜା
ପଞ୍ଚାମୃତ ଯୋଗାଡ ଘେନି ରାଜାଙ୍କୁ କରଇ ପାଦପୂଜା । ୧୧୮
ବସନ କୁଣ୍ଡଳ ଯେ ରତ୍ନ ମାଳ ଦେଇ
ସକଳ ରାଜାଙ୍କୁ ବର ବେଶ କରାଇ । ୧୧୯
------
୧୦୮ ।୨ତେବେ ସେ ବିହୁଡିବୁ ନା ରାଜାଙ୍କର ବିତକ୍ଷଣ ରୂପ ।
୧୧୮ ।୨ପଞ୍ଚରତ୍ନ ଘେନି ରାଜାନ୍ତ କଲା ପାଦପୂଜା ।
୧୦୮ ।୨ ବିତକ୍ଷଣ - ବିଚକ୍ଷଣ, ୧୧୨ ।୨ ତନୁ - ପୁତ୍ର ।

ଶିରେଣ ମୁକୁଟ ଯେ ହୃଦରେ କୁସୁମର ମାଳ
କୁଙ୍କୁମ ଲେପନ କରି ବରଣ କଲା ମହୀପାଳ । ୧୨୦
ମଧ୍ୟ ସଭାୟେ ବିଜେ ଦକ୍ଷିଣ କୋଶଳାଧି
ସକଳ ନୃପତିଙ୍କି ପ୍ରଣପତ୍ୟ ବିନୟ ବିଧି । ୧୨୧
ପୁଣ ପୁଣ ପ୍ରଣପତ୍ୟ ଶତ ସହସ୍ର ପରିଣାମି
ମୁଂ ଯହିଂକି ସୟଂବର କଲି ଅବଧାରୀ ଶୁଣିମା ଦେବ ସ୍ୱାମୀ । ୧୨୨ ସଂ
ମୋହୋର ଦୁହିତା ନାମ ଅଟଇ ଭାନୁମତୀ
ତାହାର ନିମନ୍ତେ ସୟଂମ୍ବର କରି ବରିଲି ସବୁନ୍ତି । ୧୨୩
ୟେକ ପଦ୍ମକଇଂ ୟେହ୍ନେ ଲକ୍ଷେକ ଭ୍ରମର
ତେସନେକ ବୃତ୍ତାନ୍ତ ମୋହୋର ସୟଂବର । ୧୨୪
ୟେକ ଦୁହିତାୟେ ମୋହୋର ଅଟଇ ଭାନୁମତୀ
ତାହାକଇ ବର ତୁମ୍ଭେ ଚାରି ଉଣା ଲକ୍ଷେକ ନୃପତି । ୧୨୫
ତୁମ୍ଭର ଇଚ୍ଛାକୁ ସେ ନୋହଇ ଯୁଗତେ
ତାହାର ଇଚ୍ଛାୟେ ସେ ବର ବରିବ ବିଚାର ଅନୁମତେ । ୧୨୬
ଯାହାକଇ ଇଚ୍ଛା ସେ ବରିବ କୁମାରୀ
ମାଳା ଦେଇ ବରିବ ସେ ତାହାର ହୋଇବ ମନର ହିଆଳି । ୧୨୭
ୟେ କଥାକୁ ଅନ୍ୟାଅନ୍ୟି ନୋହିବ ସମସ୍ତ ରାୟେ
ଲକ୍ଷେ ରାଜାଙ୍କୁ ସର୍ବେ ମୋହୋର ୟେକଇ ଦୁହିତାୟେ । ୧୨୮
ମାଳା ଦେଇ ସୁନ୍ଦରୀ ଧରିବ ଯାହାରଟି ହାଥ
ସେହି ସେ ହୋଇବ ନା ତାହାର ପ୍ରାଣନାଥ । ୧୨୯
ୟେଥକୁ ସତ୍ୟ ବଚନ ମୋତେ କରିବା ଗୋସାଇଂ
ତୁମ୍ଭେ ଅଭିମାନ କଲେ କନ୍ୟାକୁ ସଭାକୁ ଆଣି ନାହିଂ । ୧୩୦
ରାଜାମାନେ ବୋଇଲେ ୟେ ଅଟଇ ଯଥାର୍ଥ
ସମସ୍ତ ରାଜାମାନେ ଆମ୍ଭେ ଅଟୁ କି ଅପଣ୍ଡିତ ?। ୧୩୧
ଦୁଷ୍ଟ ରାଜାମାନେ ୟେଥି ଅଛନ୍ତି ବହୁତ
ଶକତା ବକତା ୟେଥେଂ ହୋଇବ କୁ ଚରିତ । ୧୩୨
-------
୧୨୨ ।୧ପୁଣ ପୁଣ ପ୍ରଣପତ୍ୟ ଶତ ସହସ୍ର ଦଣ୍ଡ ପରିଣାମି
୧୩୨ ।୨ଶକତା ବକତା ୟେଥେଂ ହୋଇବ କିଞ୍ଚିତ ।

ଓଛ ଓଛ ଲୋକଙ୍କର ପ୍ରକୃତି ଅଟଇ ମନ୍ଦ
କାଳେ ନ ସହିବ ହୋଇବ ବଡ ଦ୍ୱନ୍ଦ । ୧୩୩
ରାଜାଙ୍କର ବଚନ ଶୁଣିଣ ଭୂମନୁ

ୟେତେ ବଡ ପ୍ରମାଦ କି ହୋଇବ ମୋହୋର ଗ୍ୟାନୁଂ । ୧୩୪
ବାଣା ବଜ୍ରନାଭ ଯେ କାଳଦମନ
ମେରୁଶୂଳ ଶମ୍ବର ସକଳ ଯାତୁଧାନ । ୧୩୫
ୟେମାନେ ବୋଇଲେ ନ ଭାଳ ତୁମ୍ଭେ ରାୟେ କିଛି
ସୟମ୍ବର ବିଧାନେ ଯେବେ ୟେସନେକ ବିଧି ଅଛି । ୧୩୬
ନିମନ୍ତ୍ରଣ ବରଣ କଲେ ଅବଶ୍ୟ ଯାଇ ତହିଂକି

ୟେକ କନ୍ୟା ପ୍ରାପତ କି ହୁଅଇ ସଭିଙ୍କି ?। ୧୩୭
ସମସ୍ତ ରାଜାୟେ ବୋଇଲେ ହୋଇଲା ଆମ୍ଭର ସତ୍ୟ
ଯାହାର ସୁକର୍ମ କନ୍ୟା ତାହାକୁ ହୋଇବ ପ୍ରାପତ । ୧୩୮
ବିଶ୍ୱନାଥଙ୍କୁ ଯେ ସେବିଅଛି ପୂର୍ବେ

ତାହାର ପୁନ୍ୟ କି ସମସ୍ତେ ପାଇବେ ?। ୧୩୯
ସମସ୍ତ ନୃପତି ଆମ୍ଭେ ଅଟୁ ୟେକ ଗୋତ୍ରୀ
ଜଣେ କନ୍ୟା ପାଇଲେ ଆମ୍ଭେ ସମସ୍ତେ ତ୍ରିପୁତି । ୧୪୦
ୟେଥକଇଂ ଭ୍ରାନ୍ତି ରାଜା ନକର ତୋର ଚିତ୍ତେ
ଦୁହିତାକୁ ଆଣ ତୋର ସଭାର ସମେତେ । ୧୪୧
ଦେଖିବାକୁ ବର୍ଣ୍ଣ ଚିହ୍ନ ତୋର କେମନ୍ତ କୁମାରୀ
ସୟଂବର କନ୍ୟା ମୁଖ ଚାହିଂଲେ ଦୁଷ୍କୃତି ଅପହରି । ୧୪୨
ରାଜାମାନଙ୍କୁ ସେ କରାଇ ଦୃଢ ବ୍ରତ
ନିଜ ଭୁବନେ ପ୍ରବେଶ ହୋଇଲେ ନୃପତ୍ୟ । ୧୪୩
ଦୁହିତାକୁ ବେଶ ବେଶନ କରାଇ ନୃପମଣି
ଅଷ୍ଟରତ୍ନ ଖଚିତ ହାଡୋଳାୟେ ଦେବାଙ୍ଗ ବସ୍ତ୍ର ଟାଣି । ୧୪୪
ଲକ୍ଷେକ ଚାମର ଢାଳନ୍ତି ବେନି କତି
ଲକ୍ଷେକ ଉଦଣ୍ଡ ଲକ୍ଷେକ ପାଟ ଛତୀ । ୧୪୫
ଲକ୍ଷେକ ଜୟ ଶଙ୍ଖ ପୁରଇ ଅଗ୍ରତେ
ଧାଇମାନେ ଗୋଡାବନ୍ତି ତୁଲେଣ ଅହିବ୍ରତେ । ୧୪୬

--------

୧୪୪ ।୨ଅଷ୍ଟରତ୍ନ ଖଚିତ ହାଡୋଳାୟେ ଦେବାଙ୍ଗ ବସ୍ତ୍ର ଛାୟେଣୀ ।
୧୩୩ ।୧ଓଛ - ନୀଚ, ତୁଛ ।

ସୁବର୍ଣ୍ଣର ଯୋଗାଡମାନ ଘେନିଣ କାମିନୀ
ଧାମନ୍ତି ଅସମ୍ଭାଳେ କରିଣ ମଙ୍ଗଳ ଯେ ଧୁନି । ୧୪୭
ସହସ୍ର ବନିତା ନୃତ୍ୟ କରନ୍ତି ଅଗ୍ରତେ
ବିଜୟେ ବିଳାସୁଣୀ ସୟଂବର ସମେତେ । ୧୪୮
ସୟଂବର ମଧ୍ୟରେ ସେ ସୁବର୍ଣ୍ଣ ମେଢ ଜଗତୀ
ଶରଦକାଳ ଆଦିତ୍ୟ ଜାଣି ଦିଶଇ ତାର ଜ୍ୟୋତି । ୧୪୯
ସଭାରେ ଥାଇ ବୋଇଲା ନୃପତି ଜରାସନ୍ଧ
ଅମୂଲ୍ୟ ରୂପ ବର୍ଣ୍ଣ ୟେ ପୂର୍ଣ୍ଣମୀର ଚାନ୍ଦ । ୧୫୦
କନ୍ୟାକୁ ଓହ୍ଲାଇଲେ ହାଡୋଳର ମଧ୍ୟ
ପନ୍ନଙ୍ଗା ନାରାୟଣ ଯାହାର ପ୍ରାଣବନ୍ଧୁ । ୧୫୧
ଜରାସନ୍ଧ ବଚନ ନିରାଧାର ଘେନି
ପାଦେଣ ଉଭା ହୋଇଲା ସଭାୟେ ନନ୍ଦନୀ । ୧୫୨
ରାଜାୟେ ଦେଖନ୍ତି ନିକଳଙ୍କ ଚନ୍ଦ୍ର ତେଜ
କାମଗତେ ମୂର୍ଚ୍ଛାଗତ ଦେଖିମ ସର୍ବରାଜ । ୧୫୩
ସାଧ, ସାଧୁ ସାଧବୀ ୟେ ପ୍ରତକ୍ଷେ ଅନ୍ନପୂର୍ଣ୍ଣା

ଆମ୍ଭେ ଅନମିତ୍ତେ ଅଇଲୁ ଯେ ଦେବଙ୍କୁ ଭୋଗ୍ୟ ସିନା । ୧୫୪
ଜରାସନ୍ଧ ନରପତି କରଇ ବିଚାର
ୟେହାକୁ ବର ନାହିଂ ୟେ ସଭାର ମଧ୍ୟର । ୧୫୫
ପ୍ରତକ୍ଷେ ଦିଗପାଳ ଯେବେ ବିଜୟେ କରଇ ୟେଥି
ତାହାର ବଲ୍ଲଭୀ ସେ ହୋଇବ ଭାନୁମତୀ । ୧୫୬
ମୋହୋର ବିଚାରେ ତ ୟେଥି ନାହିଂ କିଛି କାର୍ଯ୍ୟ
ହୋଇଲୁ ଦୂଷିତ ୟେଥେ ଉପୁଜିବ ବହୁତ ଲାଜ । ୧୫୭
ଚନ୍ଦ୍ର ବାଞ୍ଛଇ କି ନକ୍ଷତ୍ରଗଣଙ୍କୁ
ଚିତ୍ତ ବିରସ କଲାନି ସୁନ୍ଦରୀ ଦେଖିଣ ରାଜାମାନଙ୍କୁ । ୧୫୮
ଦୁହିତାର ଅଗ୍ରତେ ଯେ ବୋଲଇ ରାଜା ଭୂମନୁ
ସୟଂବର କଲୁ ଗୋ ତୋ ଆଗ୍ୟାଂ ପରମାଣୁ । ୧୫୯
ଧାର୍ମିକ ବଂଶିକ ଯେ ବିବେକ କୁଳଶୀଳ
ୟେହାର ତହୁଂ ବଂଶିକ ନାହାନ୍ତି ରବିତଳ । ୧୬୦
--------
୧୫୪ ସାଧୁ, ସାଧୁ ସାଧବୀ ୟେ ପ୍ରତକ୍ଷେ ଅପର୍ଣ୍ଣା
ଆମ୍ଭେ ଅନମିତ୍ତେ ଅଇଲୁ ୟେ ଦେବଙ୍କୁ ଯୋଗ୍ୟ ସିନା ।

ଯେମନ୍ତେ ତୋର ମନକୁ କରିଅଛୁ ବାଞ୍ଛା
ଯାହାକୁ ପାର ଆଇ ବରସି ତୋହୋର ଇଛା । ୧୬୧
ପିତାର ବଚନ ଶୁଣି ବୋଇଲା ଭାନୁମତୀ
ପଚାର ଶଙ୍ଖନିଧି ପଦ୍ମନିଥି ବହଇ କେବଣ ନୃପତି । ୧୬୨
ଦୁହିତାର ବଚନେ ଯେ ବୋଲଇ ନରସାଇଂ
କରପତ୍ର ଯୋଡି ରାଜାଙ୍କୁ କହଇ ବିନୋୟି । ୧୬୩
ସ୍ୱାମୀ ଆନ ସନ୍ଦେଶ ମୋର ଲୋଡନ୍ତା ନାହିଂ କିଛି
ୟେକ ସନ୍ତକ ମୋହୋର ଦୁହିତାୟେ ବାଛି । ୧୬୪
ଶଙ୍ଖନିଧି ପଦ୍ମନିଧି ଅଛଇ ଯାହାର କରେ
ତାହାକଇଂ ଦୁହିତା ମୋର କରିବ ସୟଂବରେ । ୧୬୫
ରାଜାର ବଚନେ ଯେ ବୋଲଇ ଜରାସନ୍ଧ
ସଙ୍ଖନିଧି ପଦ୍ମ ନିଧି ୟେକା କହନ୍ତି ରାମଚନ୍ଦ୍ର । ୧୬୬
ମାନବ ଜନ୍ମେ କାହିଂ ୟେତେକ ଲକ୍ଷଣ
ଶଙ୍ଖନିଧି ପଦ୍ମନିଧି ୟେକା ବହନ୍ତି ନାରାୟଣ । ୧୬୭
ଜରାସନ୍ଧ ବଚନେ ବୋଇଲା କାଶୀଶ୍ୱର ନୃପତି
ମୂର୍ଖ ଭାବେଣ କହିଲୁ ନା ମଗଧ ଅଧିପତି । ୧୬୮
ଶଙ୍ଖନିଧି ପଦ୍ମନିଧି ଯାହାର କରେ ନାହିଂ
ମୂର୍ଦ୍ଧନା ଅଭିଷେକୀ ସେ ହୋଇବ ପୁଣ କାହିଂ । ୧୬୯
ବିଷ୍ଣୁ ଅଂଶ ନ ଥିଲେ ପୃଥିବୀକି ନୋହଇ ଆଧିପତି
ବିଷ୍ଣୁ କଳା ନ ଥିଲେ କି ସେ ହୋଇ ଅଭିଷେକୀ ନୃପତି । ୧୭୦
ମୂର୍ଖ ସ୍ୱଭାବ ଭୂମନୁ ତୁ ନ ଜାଣୁ କିଛି
ଶଙ୍ଖନିଧି ପଦ୍ମନିଧି ହୋ ସବୁରି କରେ ଅଛି । ୧୭୧
କାଶୀଶ୍ୱର ବଚନେ ଚଳଇ ନୃପରାୟେ
ତୋର ଇଛାୟେ ବର ପାଇଲୁ କି ଗୋ ମାୟେ । ୧୭୨
ମା ଗୋ ସୟଂବରେ ବିଜେକଲେ ଯେତେକ ନୃପତ୍ୟେ
ଶଙ୍ଖନିଧି ପଦ୍ମନିଧି ଅଛି ସବୁଙ୍କରି ହସ୍ତେ । ୧୭୩
ଭାନୁମତୀ ବୋଇଲେ ସଙ୍କେତ ବୁଝ ତାତ
ୟେ ଘଟଣ ଶିଳା ଗୋଟି ନେଇ ଦିଅ ରାଜାଙ୍କର ହସ୍ତ । ୧୭୪

ଯାହାର କର ଲାଗିଲେ ଯେ ହୋଇବ ପାଣିଦ୍ରବ୍ୟ
ତାହାକୁ ପ୍ରଦାନ କର ତାତ ସେ ମୋହୋର ବଲ୍ଲଭ । ୧୭୫
ଯେସନେକ ନିଷ୍ଠୁର ବଚନ ଯହୁଂ ବୋଇଲା ଭାମୁନତୀ
ଘଟମ ପାଷାଣ ଘେନି ଗଲା ଭୂମନୁ ନୃପତି । ୧୭୬
ଜାରା ଶାଲୁ ଦମଘୋଷ ଦନ୍ତବକ୍ତ୍ର କାଶୀଶ୍ୱର
ପରୀକ୍ଷ ନିମନ୍ତେ ରାଜା ଦିଅଇ ସବୁଙ୍କରି ହସ୍ତର । ୧୭୭
ଲକ୍ଷେ ନୃପତିଙ୍କର ଦିଲା କର ପତ୍ରେ
ପାଷାଣହୁଂ ଆନ ସେ ନୋହିଲା ଯୁଗତେ । ୧୭୮
ସନ୍ତକ ନାସ୍ତି ବୋଲି ଦେଖି ନିନ୍ଦିଲା ଭାନୁମତୀ
ବୋଇଲା ତାତ ଯେ ସୟଂବରେ ନାହିଂ ମୋହୋର ପତି । ୧୭୯
ମୋହୋର ଇଛାୟେ ଯେବେ ନ ପାଇଲି ବର
ମୋହୋର ନିମନ୍ତେ ଧଂସି ହୋଇଲୁ ପିଅର । ୧୮୦
ବୋଲଇ ନୃପତି ସେ ସଭାରେ ଉଭା ହୋଇ
ଦୁହିତାର ଇଛା ମୋହୋର ନୋହିଲା ଗୋସାଇଂ । ୧୮୧
ତୁମ୍ଭେ ରାଜାମାନେ ମୋତେ ଅନୁଗ୍ରହ କରିଥିବା
ଯେ ଯାହାର ଭୁବନକୁ ବିଜେ କରି ଯିବା । ୧୮୨
ଶୁଣିଣ ବିରସ ହୋଇଲେ ରାଜାଗମ
ଜଳୁକା ମୁଖରେ ଯେହ୍ନେ ଦେଇଟି ଲବଣ । ୧୮୩
ସୁଜନ ରାଜାମାନେ ଯିବାକୁ କଲେ ଇଛା
ଦୁର୍ଜନ ରାଜାମାନେ ଇଛିଲେ ମନ୍ଦ ବାଞ୍ଛା । ୧୮୪
ବୋଇଲେ ଯେ ଯେବେ କନ୍ୟା ଆମ୍ଭଙ୍କୁ ନ କରିବ ପ୍ରଦାନ
ଆମ୍ଭନ୍ତ କି- ।ଇଂ ବିଡମ୍ବଣ କଲା ବରବେଶ ବିଧାନ । ୧୮୫
କେ ବୋଲଇ ଭୂମନୁ ନୃପତିର ମୁଣ୍ଡ କାଟି
ବଳେ ଘେନି ଚାଲି ଯିବା ଯେହୁ କନ୍ୟା ଗୋଟି । ୧୮୬
ଯେସନେକ ଥୋକେ ବିଚାର କରନ୍ତି ଦୁର୍ବୁଦ୍ଧି
ଛାଡିଲେ ଧର୍ମମାନ ଆଚରିଲେ ଅବଧି । ୧୮୭

-------

୧୯୩ ।୨ଜଳୌକା- ଜଳରେ ଓକ ଅର୍ଥାତ୍ ବାସସ୍ଥାନ ଯାହାର ସେ ଜଳୌକା - ଜୋକ ଜଳୁକା ଭାଷାରେ ହୋଇଅଛି ।

ଧର, ଧର ମାର, ମାର ଶୁଭିଲା ଗରୁ ରୋଳ
ଉଚ୍ଚ ବାଚ ଶବଦରେ ପଡଇ ଚହଳ । ୧୮୮
ଶୁଣ ହୋ ରାଜନ ଯେସନେକ ସମୟେ ଧୃତରାଷ୍ଟ୍ରର ତନୟେ
ବଳରାମଙ୍କ ସଙ୍ଗତେ ଥିଲେ ରଇବ୍ରତ ପର୍ବତ ଆଖଡାୟେ । ୧୮୯
ବଳରାମେ କହିଲେ, ଶୁଣ ଦ୍ରିଯୋଧନ
ଦକ୍ଷଣ କୋଶଳେ ଭୂମନୁ ରାଜନ । ୧୯୦
ତାହାର ଦୁହିତା ନାମ ଭାନୁମତୀ
ଦୁହିତା ଅର୍ଥେ ସୟଂବର କରଇ ନୃପତି । ୧୯୧
କର୍ଣ୍ଣର ହସ୍ତ ଧରିଣ ରାଜନ
ଚାଲ ଦେଖିବା ନା ସୟଂବର ବିଧାନ । ୧୯୨
ବଦନ୍ତି ଅଗସ୍ତି ଶୁଣ ବଇବସୁତ ମନୁ
ସୟଂବରକୁ ବିଜେ କଲା ରାଜା ଦ୍ରିଯୋଧନୁ । ୧୯୩
ପୁଣ ଗୋଳ ଶବଦ ଶୁଣି ଧାଇଂଲେ କ୍ରମରେ
ଧରିଛନ୍ତି ଅନେକ ଶହସ୍ର ମାନ କରେ । ୧୯୪

ଦେଖନ୍ତି ଭାନୁମତୀ ରାଜ୍ୟରେ ମହାଗୋଳ
ଘୋର ଶବଦ ବାକ୍ୟେ ଶୁଭଇ ଚହଳ । ୧୯୫
ଦୁର୍ଧଂସ ବୁଦ୍ଧି କରି କନ୍ୟା ନେଇ ଲୋଡନ୍ତି ବଳେ
ଭୂମନୁ ନୃପତିକି ଆବୋରିଲେ ଧୃତରାଷ୍ଟ୍ରଙ୍କର ବାଳେ । ୧୯୬
ରାଜାଙ୍କର ଦୁର୍ବୁଦ୍ଧି ଦେଖି ସେ ଆଦିତ୍ୟର ନାନ
କରେଣ ଧନୁ ଧଇଲା ସେ ମହାବଳୀ କର୍ଣ୍ଣ । ୧୯୭
କେ ବଳେ କନ୍ୟା ନେବ ରେ କାହାର ୟେତେ ଦର୍ପ
ଖଗେଶ୍ୱର ଦେଖିଲେ ୟେହ୍ନେ ମହାଭୟ କରି କାଳସର୍ପ । ୧୯୮
ମେରୁ ତତ୍ତୁଲ୍ୟ ବଡିମା ଅଟଇ ଧନୁର୍ଧର
ଅଭେଦ କପଚ ବଜ୍ର ଛଉରୀ ସେ କର୍ଣ୍ଣ ମହାବୀର । ୧୯୯
ଗଜ ପଲ ଦେଖି ୟେହ୍ନେ କେଶରୀ ଧାମଇ ଗଳଗାଜି
କର୍ଣ୍ଣ ମୂର୍ତ୍ତି ଦେଖି ରାଜାଙ୍କର ଦର୍ପ ଭାଜ୍ଞି । ୨୦୦
--------
୧୯୭ ରାଜାଙ୍କର ଦୁର୍ବୁଦ୍ଧି ଦେଖି ସେ ରାଧେବର ବଳା
କରେ ଧନୁ ଧଇଲା ସେ କ୍ଷତ୍ରିୟ ଅଚାର୍ଗଳା ।

ଆହେ ରହ ରହ ବୋଲି ୟେ କାଳଦମନ ଜାରା
ଲକ୍ଷେ ଲକ୍ଷେ ୟୋଦ୍ଧା ଘେନି ଧାଇଂଲେ ସର୍ବ ବୀରା । ୨୦୧
ଦ୍ରୋଣଙ୍କର ବିଦ୍ୟାରେ ସେ ୟେ ଅମାପ ବଳବନ୍ତା
ଅଭୟେ କ୍ଷତ୍ରିବର ସେ ସୋହଡ ରଣଜିତା । ୨୦୨
ହାବୋଡା ଶର ଘେନି ସେ ମାଇଲା ଜାରାକୁ
ୟେକ ଶହସ୍ର ତେଜ ଲାଗିଲା ସକଳ ରାଜଙ୍କୁ । ୨୦୩
ରଥ ଭଗ୍ନ ହୋଇ ୟେ ପଡିଲା ମଗଧ ଈଶ୍ୱର
ଦଶ ସହସ୍ର ରଥୀ ୟେ ପଡିଲେ ତାହାର ସଙ୍ଗତର । ୨୦୪
ଜାରାର ଅସାଷ୍ଟମ ଦେଖି କାଳଦମନ ଭାଜ୍ଞି
ୟେକା ବର୍ଣ୍ଣ ଲକ୍ଷେ ରାଜାଙ୍କର ଦର୍ପ ଗଞ୍ଜି । ୨୦୫
ଅବିଛନ୍ନେ ନାରାଜ କର୍ଣ୍ଣ କରେ ବିନ୍ଧୁ
ଥାଠେଣ ଶୁଭଇ କର୍ଣ୍ଣ ଜୀବନ ତୋର ସାଧୁ ସାଧୁ । ୨୦୬
କର୍ଣ୍ଣର ବଳବୀର୍ଯ୍ୟ ଦେଖିଣ ନୃପତି ଭୂମନୁ
କର୍ଣ୍ଣର ତୁଲେ ନାରାଜ ବିନ୍ଧିଲେ ଘେନିଣ ପଞ୍ଚବିଂଶ ତନୁ । ୨୦୭
ଦ୍ରିୟୋଧନ ଧୁଶାସନ ୟେକ ଉତ୍ତର ଶତେ ଭ୍ରାଥେ
ଗଦା କୋନ୍ତ ନାରାଜ ୟେ ହୋଇ ଧନୁ ହାଥେ । ୨୦୮
ପଣ୍ଡିତ ରାଜାମାନେ ଆଗହୁଂ ଗଲେ ଅପସରି
ଦ୍ୱନ୍ଦ ଇଛା କଲେ ହୋ ରାଜା ସହସ୍ର ୟେ ଚାରି । ୨୦୯
କର୍ଣ୍ଣର ମହିମା ୟେ ଦେବେଣ ଅଗୋଚର
ଭାଜ୍ଞିଲେ ଦୁରାନ୍ତକ ବଳ କେହି ନ ରହିଲେ ଛାମୁର । ୨୧୦
ରଣ ଭଗ୍ନ ହୋଇ ପଳାଇଲେ ସକଳ ନୃପମଣି
ଭୂମନୁ ନୃପତିକି ଆବୋରିଲା ସେ କ୍ଷତ୍ରିୟ ଚୂଡାମଣି । ୨୧୧
ଦେଖିମ ପ୍ରଶଂସା କରଇ ସେ ନୃପତି ଭୂମନୁ
ସାଧୁ ସାଧୁ ବାଭିୟେ କାହାର ତୁମ୍ଭେ ଅଟ ତନୁ । ୨୧୨
ଦୟାସାଗର ତୁମ୍ଭେ ପର ଦୁଖେଣ ଦୁଖୀ
ଶରଣ ପଞ୍ଜର ବାଭିୟେ ତୁମ୍ଭେ ଉଦ୍ଧରିଲ ନିରିମାଖୀ । ୨୧୩
ଭୂମନୁ ନୃପତି ପଚାରଇ ତାହାର ଦୁହିତାକୁ
କର୍ଣ୍ଣଙ୍କୁ ପ୍ରଦାନ କରିବା ୟୋଗାଇ କି ତୋହୋର ବିଚାରକୁ । ୨୧୪
--------

୨୦୩ ।୨ୟେକ ଶହସ୍ର ତେଜ ଲାଗିଲା ଲକ୍ଷେକ ରାଜାଙ୍କୁ ।

ବୁଡିଲା ରାଜ୍ୟ ମୋର ଉଦ୍ଧରି ଧଇଲାକ ହେଳେ
ନାହିଂ ନାହିଂ ସମଯୋଦ୍ଧା ୟେହାକୁ ରବିତଳେ । ୨୧୫
ଧର୍ମେଣ ଆସି ରକ୍ଷା ଯେ କଲା ହାଦେ ମୋତେ
ମୋହୋର ଧର୍ମ ଉଦିତ ଗୋ ହୋଉ ୟେହାଙ୍କୁ ପ୍ରଦାନ କଲେ ତୋତେ ।
ପିତାର ନିଷ୍ଠୁର କଷ୍ଠୋର ବିନୟ ବଚନ ଶୁଣି
ଇଛିଲା ସନମତ ସେ ରାଜାର ଦୁଲଣୀ । ୨୧୭
ଶ୍ରୀକରେ ସୁନ୍ଦରୀ ଯେ ଘେନି ନୀଳ ଉତ୍ପଳ ମାଳୀ
କର୍ଣ୍ଣର ଛାମୁରେ ପ୍ରବେଶ ହୋଇଲା ଶୁଦ୍ଧଶାଳୀ । ୨୧୮
ରାଧେବ ବୋଇଲା ମୋତେ ନ ବର ଗୋ ସଂଘାତ
ଆପଣେ ରାଧେବ ଧଇଲା ଭାନୁମତୀର ହାଥ । ୨୧୯
ଦ୍ରିଯୋଧନ ଅଗ୍ରତେ ନେଇ କନ୍ୟାକି କଲା ଉଭା
ୟେ ସେ କୁରୁବଇ ନାଥ ୟେହାକୁ ମାଳା ଦେଇ ବରିବା । ୨୨୦
ଦ୍ରିଯୋଧନ ବୋଇଲା ମଇତ୍ର କନ୍ୟା ଇଛିଲା ତୁମ୍ଭଙ୍କୁ
ତୁମ୍ଭର ଭାରିଯା ଦେଇ କେହ୍ନେ ଲୋଡୁ ମୁକୁ । ୨୨୧
କର୍ଣ୍ଣ ପ୍ରତିବାଚ ତୁ ମୋହୋର ପରମ ଗୁରୁ
ତୋହୋର ଥାନ୍ତେ ରାଜା ଦୁହିତା ମୋତେ ଦେଇ ଲୋଡୁ । ୨୨୨
ଶଙ୍ଖନିଧି ପଦ୍ମନିଧି ମଇତ୍ର ଦେଖ ୟେହାର ଯେ ହସ୍ତେ
ତୋହୋର ଶଙ୍ଖ ପଦ୍ମନିଧି ଅଛି କରଗତେ । ୨୨୩
ମୂର୍ଦ୍ଧନା ଅଭିଷେକୀ ସେ ଅଟଇ ଭାନୁମତୀ
ତୁ ଯେ ସୋମବଂଶ ଆଧିପତି ମାନ ଚକ୍ରବ୍ରତୀ । ୨୨୪
ତୋର ଥାଉଂକି କନ୍ୟା ହୋଇବ ମୋହୋର
ଦକ୍ଷିଣ କୋଶଳେ ୟେ ଭୂମନୁ ରାଜେଶ୍ୱର । ୨୨୫
ରାଜାର କୁମାରୀ ହୋଇବ ଯେ ରାଜାର ବଲ୍ଲଭୀ
ଅନାଦି ଅପର୍ଣ୍ଣା ଅଟଇ ମାହେଶ୍ୱରୀ ସାଧବୀ । ୨୨୬
ଅବ୍ୟୟେ ପଦ୍ମନିଧି ଅଛଇ ଯାହାର ହସ୍ତେ
ମୁଂ ତାହାକଇ ପ୍ରଦାନ ହୋଇବି କେମନ୍ତେ । ୨୨୭
-------
୨୧୭ ।୧କଷ୍ଠୋର - କଠୋର

ଭିତରେ ସାନନ୍ଦ ବାହାରେ ନାସ୍ତି କରୁଥିଲା
କର୍ଣ୍ଣର ନିଷ୍ଠୁର ବଚନେ ଦ୍ରିଯୋଧନ ସନମତ କଲା । ୨୨୮
ଦ୍ରିଯୋଧନ କରେଣ ଅକ୍ଷୟ ନିଧି ଦେଖି
ଅନେକ ସାନନ୍ଦେ ସେ ବରିଲା ଶଶିମୁଖୀ । ୨୨୯
କର୍ଣ୍ଣର ମହତ ପଣ ଦେଖ ହୋ ଭିଗ୍ୟ ଜନେ
ଆପଣାର କନ୍ୟା ନେଇ ସମର୍ପିଲା ଆନେ । ୨୩୦
ଯହିଂ ଭାବ ତହିଂ ୟେସନେକ ପୀରତି
କର୍ଣ୍ଣ ଦ୍ରିଯୋଧନର ୟେକଇ ଆତ୍ମା ଶୁଦ୍ଧମତି । ୨୩୧
କର୍ଣ୍ଣର ବଚନେ ବରିଲା ଯହୁଂ ବାଳୀ
ଗଣିକାଗଣମାନେ ଦିଅନ୍ତି ହୁଳହୁଳୀ । ୨୩୨
କୋଳେଣ ଦ୍ରିଯୋଧନକୁ ଧରିଣ ବରିଲା ନୃପତି ଭୂମନୁ
ବର ବେଶ କରନ୍ତି ନେଇ ଗାନ୍ଧାରୀର ତନୁ । ୨୩୩
ସୟମ୍ବର ବାରତା ଶୁଣି ବ୍ୟାସ ପାରେଶ୍ୱରେ
ଦୁର୍ଦ୍ଭାସା ମାରକଣ୍ଡ ସମସ୍ତ ମୁନିବରେ । ୨୩୪

ପ୍ରବେଶ ହୋଇଲେ ଯାରଂ ଭୂମନୁ ମନ୍ଦିରେ
ଦେଖିଲେ ଅନେକ ପୂଜା କଲା ସେ ଭୂମନୁ ମହୀପାଳେ । ୨୩୫
ଦ୍ରିଯୋଧନ ଧୁଶାସନ କର୍ଣ୍ଣ ଯେ ଦୁର୍ଜୟେ
ବେଦବ୍ୟାସଙ୍କର ଚରଣେ ଅନେକ ବିନୟେ । ୨୩୬
ବ୍ୟାସେ ବୋଇଲେ ରାଜା ଶୁଣ ତୁ ଭୂମନୁ
ଯେ ପୁତ୍ରମାନେ ସମସ୍ତେ ଅଟନ୍ତି ଆମୃର ତନୁ । ୨୩୭
ପଞ୍ଚୁ ରାଜ୍ୟରେ ଠାକୁର ଯେ ଅଟନ୍ତି ସୋମବଂଶୀ
ନିର୍ମଳ ନିକଳଙ୍କ ଯେ ଅଟନ୍ତି ନିର୍ଦ୍ଦୋଷୀ । ୨୩୮
ଯେ ଜମ୍ବୋଦୀପ ପୃଥୀକି ଯେ ଅଟନ୍ତି ଧାରଣ
ଯେବେ ସେ ଜାଣିଲୁ ହୋ ତୋର ଭାଗ୍ୟବନ୍ତ ଗୁଣ । ୨୩୯

---------

୨୨୯ ଅନେକ ସାନନ୍ଦେ ସେ ବରିଲା ଶଶି ମୁଖୀ ପାଦାନ୍ତ ଅଧିକା ପାଠ-
ଚାଲନ୍ତେ ସୁବର୍ଣ୍ଣ ଅବେଣ୍ଟ ପୁଷ୍ପ ଫୁଟଇ
ଦେଖିଣ ସୁନ୍ଦରୀ ମନ ସନ୍ତୋଷ ଅଟଇ ।
୨୩୨ ।୨ଗଣିକାଗଣ ତହିଂ ମଙ୍ଗଳ ଧୁନି ତୋଳି ।
୨୩୮ ।୨ନିର୍ମଳ ନିକଳଙ୍କ ଅଟନ୍ତି ଗୁରୁହଂସୀ ।

ବ୍ୟାସଙ୍କର ମୁଖୁଂ ଯେସନେକ ବାକ୍ୟ ଶୁଣି
ଭୋ ଦେବ ସୟଂବର ମୁଂ କଲଇ ନ ଜାଣି । ୨୪୦
ରାଜାଙ୍କୁ ନ ବରିଲା ଦୁହିତା ଭାନୁମତୀ
ବୋଇଲା ସଙ୍ଖ ପଦ୍ମ ନିଧି ଅଛି ଯାହାର ହସ୍ତେ ସେହି ମୋହୋର ପତି । । ୨୪୧
ପାଷାଣେ କର ଲାଗନ୍ତେ ଯେବେ ହୋଅଇ ପାଣି ଦ୍ରବ୍ୟ
ମୁହିଂ ତାର ବଲ୍ଲଭୀ ସେ ମୋହୋର ବଲ୍ଲଭ । ୨୪୨
ଯେତେ ଗୁଣବନ୍ତ ନୋହିଲେ ଜାଣ କେହି
ବଳେ ନେଇ ଇଚ୍ଛାକଲେ ମାରିବେ ମୁକୁଇଂ । ୨୪୩
ଧର୍ମ ୃଦିତ ମୋହୋର ହୋଇଲା ଯୁଗତେ
ଯେମାନେ ଆସି ମୋତେ ଆବୋରିଲେ ଅଦଭୂତେ । ୨୪୪
ବ୍ୟାସେ ବୋଇଲେ ଯେହ୍ନେ ସ୍ରିଜିଲେ ପ୍ରଜାପତି
କାହାର ବେଳେ ସେ ନୋହଇ ଅନୀତି । ୨୪୫
ବହୁତ କାଳର କଥା ରାଜା ଯେହାନ୍ତ ନ ଜାଣୁ
ଶୁଣସି ସାବଧାନେ ଆମ୍ଭେ ଶାହାସ୍ର ବଖାଣୁ । ୨୪୬
ଆକାଶ ଭୁବନେ ଯେ ମଧ୍ୟ ଭୁବନ ଶୂନ୍ୟ ଠୂଳେ
ଦେବତାୟେ ଉତପତ୍ତି ଯେଥି ହୋଅନ୍ତି ସର୍ବକାଳେ । ୨୪୭
ଦ୍ରିଯୋଧନ ବୋଲିଣ ସେ ଯେବମ କୁମାର
ପନ୍ନଗା ନାରାୟଣ ପ୍ରତକ୍ଷେ ଅବତାର । ୨୪୮
ପନ୍ନଗ ବନ୍ଧ ବୋଲି ଯେକଇ ବଇକୁଣ୍ଠ
ସେ ପନ୍ନଗ ବିଷ୍ଣୁର ତହିଂ ଆସନ ଗରିଷ୍ଠ । ୨୪୯
ଶୁଦ୍ଧ ସଷ୍ଟିକ ବର୍ଣ୍ଣ ସେ ଅଟଇ ନିରାକାର
ଦିବା ରାତ୍ର ନ ଭେଦଇ ଯାହାର ଶରୀର । ୨୫୦
ଶୁଭ ସତ୍ୟ ଯୁଗେ ଶୂଦ୍ରେକ ନାମେ ବ୍ରହ୍ମା
ପନ୍ନଗା ବିଷ୍ଣୁଙ୍କୁ ସେ ଲୟେ କଲା ମହାତମା । ୨୫୧

--------

୨୪୬ ।୧ବହୁତ ଗହନ ରାଜା ତୁ କିଛିହିଂ ନ ଜାଣୁ ।

ସ୍ୱର୍ଗ ତେଜି ମର୍ତ୍ତ୍ୟ ତେଜି ପାତାଳ ଯେ ତେଜି

ସୁତଳ ରାସାନ୍ତଳ ଅତିତାଳ ଭାଜି । ୨୫୨
ଭୂତଳ ଭୁବନେ ରାଜା ଅଟୁ ଯେ ଭୂମନୁ
ସେ ଜନ୍ମେ, ଜନ୍ମେ ତୋର ଦୁହିତା ଅଟଇ ଭାନୁ । ୨୫୩
ସେ ପୁର ସୁରଗଣ ଯେ ଇଚ୍ଛାକଲେ ତୁକୁ
ସେ ଭାନୁମତୀ ସୁନ୍ଦରୀକୁ ଦେଲୁ ପନ୍ନଗା ବିଷ୍ଣୁକୁ । ୨୫୪
ଆହୋ ଭୂମନୁ ଭୂଅତଳେ ତୋହୋର ଦୁହିତା ତପ କଲା
ଲକ୍ଷେକ ବରଷ ପରିଯନ୍ତେ ନାରାୟଣଙ୍କୁ ଚିନ୍ତିଲା । ୨୫୫
ଅଷ୍ଟାଙ୍ଗ ଦେଖିଣ ପ୍ରସନ୍ନ ହୋଇଲେ ନିରାକାର
ଭାନୁ କମଳାକୁ ସେ ଆପଣେ ହୋଇଲେ ବର । ୨୫୬
ପ୍ରସନ୍ନ ହୋଇମ ଯେ ବୋଇଲେ ପରମ ଯୋଗୀ
ତୁ ମୋହୋର ବଲ୍ଲଭୀ ରେ ଜନ୍ମେ, ଜନ୍ମେ ଭୋଗୀ । ୨୫୭
ସେ ଭାନୁ କମଳାକୁ ଘେନି ବଇକୁଣ୍ଠକୁ ଗଲେ ନାରାୟଣ
କାଳ ବଞ୍ଚାଇଲେ ସେ ଯୋଗ ପୁରୁଷ ମେଳେଣ । ୨୫୮
ସେ ଶୂଦ୍ରେକ ବ୍ରହ୍ମା ଗଲା ଶରଦ ବଇକୁଣ୍ଠକୁ
ସାତ ମନୁ ଚିନ୍ତା କଲା ସେ ପନ୍ନଗା ବିଷ୍ଣୁ ରୂପକୁ । ୨୫୯
ଯେତେ କଠୋର ସେ ନ ପାଇଲା ସମାଧି
ନାରାୟଣ ରୂପ ସେ ଚିନ୍ତିଲା ପରମାଦି । ୨୬୦
କଠୋର ତପ ଦେଖି ସେ ଭାଳନ୍ତି ନିରାକାର
ଭାନୁ କମଳାକୁ ରାଇ ସେ ବୋଇଲେ ଉତ୍ତର । ୨୬୧
ବ୍ରହ୍ମ ଚିନ୍ତୁଅଛି ସେ ଆମ୍ଭନ୍ତ ଦେଖିବ
ବର କାମ୍ୟ କରି ସେ ଭୁବନକୁ ଯିବ । ୨୬୨
ଯେଥେ ରହିଲେ ସେ କଳ୍ପ, କଳ୍ପ ବହିଯିବ
ନବସୃଷ୍ଟିକେ ପୁନ ଭିଆଣ କରିବ । ୨୬୩
ତେଣୁ କରି ଦୃଶ୍ୟ ଆମ୍ଭେ ନୋହିଲୁ ତାହାକଇ
ରାଗେଣ ଲୋଡୁଅଛି ଶିର କମଳ ମେଲାଇ । ୨୬୪

ଭାନୁମତୀ ବୋଇଲା ଶୁଣିମା ଅନାଦି
ଆକାଶହୁଂ ସୁଷ୍ଠ କି ଏଥିର ସ-ଧି । ୨୬୫
ପନ୍ନଗ ବୋଇଲେ ଯେ ସ୍ୱର୍ଗ ମଞ୍ଚ ବେନି ପୁରେ
ଅନେକ ଭୋଗ ତହିଂ ବିଳସନ୍ତି ଦେବ ନରେ । ୨୬୬
କାଳେ ପୁମ ମୃତ୍ୟୁ ହୁଅଇ ପରାପତ
ନାଶକର ଦଣ୍ଡେ ପୁଣି ହୋଇବ ବିଘାତ । ୨୬୭
ସୁଖ ଭୋଗ କଉତୁକେ କରନ୍ତି ଯେ ଇଚ୍ଛା
ଯେଣୁ ସ୍ୱର୍ଗ ମଞ୍ଚଭୁବନ କରନ୍ତି ମନବାଞ୍ଛା । ୨୬୮
କୃତାନ୍ତକ ଦଣ୍ଡକୁ ଯେ କରନ୍ତି ମନଭ୍ରାନ୍ତି
ଯେଣୁ ଯେ ଭୁବନେ ଆମ୍ଭନ୍ତ ସେ ବିଘ୍ନ ଚିନ୍ତି । ୨୬୯
ତୁ ପ୍ରିୟାରେ ଯେବେ ଆମ୍ଭର ବଚନ କର
ତୁ ସେ ଉଭା ହୋଅ ବିଧାତାର ଛାମୁର । ୨୭୦
ତୋତେ ଦେଖିଣ ତାହାର ତପ ଧର୍ମ ଭାଞ୍ଜୁ
ଆମ୍ଭନ୍ତ କଠୋର ତପ କରି ସେ ନ ଭଜୁ । ୨୭୧
ମଦନ ସଙ୍ଗେ ଘେନି ବସନ୍ତି ସଙ୍ଗତେ ତୋର ଥିବ
ଶୁମ ହୋ ଭୂମନୁ ପୂର୍ବର ଯେସନେକ ସ୍ୱଭାବ । ୨୭୨
ସେ ଯେ ପନ୍ନଗ ନାରାୟଣର ବଚନ ଅର୍ଥ ପାଇ
ଅନେକ ବେଶ ବେଶନେ ବ୍ରହ୍ମାର ଛାମୁକୁ ଯେ ଯାଇ । ୨୭୩
ଶ୍ରୀକରେ ଅର୍ଘେକ ଘେନିଣ ମାହେଶ୍ୱରୀ

ଶୂଦ୍ରେକ ଛାମୁରେ ମିଳିଲେ ଅବଧାରି । ୨୭୪
ଅର୍ଘ୍ୟ ଗୋଟିୟେ ନେଇ ଦିଲେ ବ୍ରହ୍ମାଙ୍କର ମାଥେ
ହୁଳହୁଳି ଶବଦ କଲେକ ପରମାର୍ଥେ । ୨୭୫
ସେ ଶୁଦ୍ଧ ଅପର୍ଣ୍ଣାର ହୁଳହୁଳି ପଶିଲା ତାହାର ଗର୍ଭେ
ମଦନ ଶର ବ୍ରହ୍ମାଙ୍କୁ ପେଶଇଲା କାମଦେବେ । ୨୭୬
ରେତ ଖଳିତ ହୋଇଲା ଭାଜିଲା ମହାତପ
ଦେଖିଲାକ ବେଦବର ମୋହିନୀ ସରୂପ । ୨୭୭
ଧ୍ୟାନେ ଜାଣିଲା ସେ ବିଷ୍ଣୁ ନାଥର ମାୟା
କୋପେଣ ପ୍ରଜ୍ୱଳିତ ସେ ଅନାଦି ସିଦ୍ଧ କାୟା । ୨୭୮

ସାତ ମନୁ ପରିଯନ୍ତେ ତପ ଘୋର କଷ୍ଟୁଁ
ନିର୍ଦ୍ଦୟା ପକ୍ଷ ମୋତେ ପ୍ରସନ୍ନ ନୋହିଲୁ ପନ୍ନଗା ବିଷ୍ଣୁ । ୨୭୯
ୟେତେ ତପେ ବିଷ୍ଣୁ ପ୍ରସନ୍ନ ନୋହିଲୁ ଯେବେ ମୋତେ
ସମାଧି ସରୂପ ନ ଦେଖାଇଲୁ ତୁ ଯୁଗତେ । ୨୮୦
ମଞ୍ଚପୁରେ ଜାତ ହୋଅ ମନିଷ୍ୟ ସରୂପେ
ସମସ୍ତେହେଁ ଦେଖନ୍ତୁ ତୋତେ ଅଜପା ଅଣତପେ । ୨୮୧
ଆଗୋ ଭାନୁ କମଳ ତପ ସେ ଭାଙ୍ଗିଲୁ ମୋହୋର ଆସି
ତୁହି ସେ ମଧ୍ୟ ଭୁବନେ ଜାତ ହୋଅସି ମନୁଷୀ । ୨୮୨
ଦୁଖେ ଅର୍ଜିଲା ତପ ଅଟଇ ଯେବେ ସତ
ପତି ପତ୍ନୀ ତୁମ୍ଭେ ବେନି ନର ଯୋନିରେ ହୋଅ ଜାତ । ୨୮୩
ତପ ଧର୍ମ ଛାଡି ଯେବେ ରାଗ ଯହୁଁ ସେ ଭଜିଲା
ରାଗ ମୋହ ହିଂସାୟେ ଧର୍ମ ନାଶ ଗଲା । ୨୮୪
ନାରାୟଣ ଦୃଶ୍ୟ ହୋଇଲେ ଶୂଦ୍ରକ ବ୍ରହ୍ମାକୁ
ଆହୋ ବେଦବର ତୁ କୋପ କଲୁ ଯେ ଆମ୍ଭଙ୍କୁ । ୨୮୫
ରାଗେ ବୋଇଲେ ବ୍ରହ୍ମା ତୁ ଯେ ଆମ୍ଭଙ୍କୁ ନୋହିଲୁ ଦୃଶ୍ୟ
ଧୃତରାଷ୍ଟ କୋଳେ ଜମନି ମାନବ ମେଳେ ବସ । ୨୮୬
ଭୂମନୁର ଦୁହିତା ୟେ ହୋଉ ଭାନୁମତୀ
ତୁମ୍ଭଙ୍କୁ ପ୍ରଦାନ ହୋଉଥାଉ ନିତି । ୨୮୭
ଅନୁବ୍ରତେ ବର ବେଶ ହୋଉଥାଅ ନିତ୍ୟେ
ନମସ୍କାର ନ କରିବୁ ମାତା ପିତା ସହିତେ । ୨୮୮
ଯାହାକୁ ନମସ୍କାର କରିବୁ କର ତୋଳି
ଦେବତା ହୋଇଲେ ସେ ଅବଶ୍ୟ ଯିବ ଜଳି । ୨୮୯
ୟେହା ଶୁଣି ବୋଇଲେ ପନ୍ନଗା ନାରାୟଣ
ମୁଂ ଯେବେ ମଞ୍ଚପୁରେ ହୋଇବଇଂ ଜନ୍ମ । ୨୯୦
କଥାୟେ କହିବି ମୁଂ ଶୁଣ ବେଦବର
ଅନର୍ଘ୍ୟ ମଣି ମୁକୁଟ ଥିବ ମୋହୋର ଶିର । ୨୯୧
ଚାରିପାଦେ କମଳା ଥିବେ ବିଜେ କରି
ଭୋଗ ମୋହ ବାଧା ମୋତେ ନୋହିବାକ ସରି । ୨୯୨
-------
୨୮୧ ।୧ମନିଷ୍ୟ-ମନ୍ତଷ୍ୟ

ୟେ ଭାନୁ କମଳା ମଞ୍ଚେ ନାମ ହୋଇବ ଭାନୁମତୀ
ମାନଗୋବିନ୍ଦ ନାମେ ହୋଇବି ମୁଂ ୟେହାର ପତି । ୨୯୩
ଅଷ୍ଟଦିନେ ମଙ୍ଗଳ ମୁଂ ହୋଉଥିବି ବାଳୀ
ୟେତେକ ବଚନ ଯେ ମୋହୋର ପ୍ରତିପାଳି । ୨୯୪

ବ୍ୟାସେ ବୋଇଲେ ବାବୁ ଶୁଣିବା ଭୂମନୁ
ପନ୍ନଗା ବିଷ୍ଣୁ ରୂପ ଯେ ଧୃତରାଷ୍ଟ୍ରର ତନୁ । ୨୯୫
ଭାନୁ କମଳା ଯେ ଅନାଦି କମଳିନୀ
ପନ୍ନଗା ନାରାୟଣର ଯେ ଅଟଇ ଜନ୍ମେ, ଜନ୍ମେ ଘରଣୀ । ୨୯୬
ଯେତେବେଳେ ପ୍ରଦାନ ଯେ ହୋଇବ ଭାନୁମତୀ
ମାନଗୋବିନ୍ଦ ହୋଇବ ଯେ ମାନ ଚକ୍ରବ୍ରତୀ । ୨୯୭
ଅଷ୍ଟଦିନେ ମଙ୍ଗଳ ସେ ହୋଉଥଇବା ବାଳୀ
ଶୂଦ୍ରେକ ବ୍ରହ୍ମାର ଯେ ବଚନ ପ୍ରତିପାଳି । ୨୯୮
ବର କନ୍ୟା ଯେ ହୋଉଥିବେ ଅନୁବ୍ରତେ
ଯେଥେ ଥିବ ଭାରାଭର ନିବାରିବା ପରିଯନ୍ତେ । ୨୯୯
ଶୁମ ହୋ ମନୁ ପୁରୁଷ ବଦୟନ୍ତି ଅଗସ୍ତି
ବ୍ୟାସେ ଛଡାଇଲେ ଓହୋ କୁଳର ଭ୍ରାନ୍ତି । ୩୦୦
ଭାନୁମତୀକୁ ହୋ ପ୍ରଦାନ କର ଦ୍ରିଯୋଧନକୁ
ଯେ ଅନାଦି ଅପର୍ଣ୍ଣାକୁ କାହିଂ ବରି ଲୋଡୁ ଆନକୁ । ୩୦୧
ତୁହି ତ ଭୂତଳ ପୁରର ଅଟୁ ଆଧିପତି
ଯେଥି ଉତପତ୍ତି ହୋଇଲେ ସମସ୍ତ ହୋଇ ଭ୍ରାନ୍ତି । ୩୦୨
ଭୂମନୁ ଅନେକ ସାନନ୍ଦ ହୋଇଲେ ବ୍ୟାସଙ୍କର ବଚନେ
ଭାନୁମତୀ ଉଛବ କରାଇଲେ ରାଜା ବିଭାର ବିଧାନେ । ୩୦୩
ନଗ୍ରେଣ ମଙ୍ଗଳ ଯେ ଅନେକ ଉଛବ
ବିଭାକୁ ସଞ୍ଚିତ ରାଜା କରିଥିଲା ସର୍ବ । ୩୦୪
ଶଶଧର ଗୋତ୍ର ଯେ ବୀର ଦ୍ରିଯୋଧନ
ଉଦ୍ଧାଳକ ଗୋତ୍ର ଯେ ଭୂମନୁ ରାଜନ । ୩୦୫
ଉଦ୍ଧାଳକ ଗୋତ୍ରେ ପୁରୋହିତେ କରାବନ୍ତି ବିଭା
ପରମ ସାନନ୍ଦ ସେ ହୋଇଲେ ରାଜ ଦେବା । ୩୦୬

-------

୩୦୦ ।୨ଓହୋ-ଉଭୟ

ଭୂମନୁ କୋଳରେ ଯେ ବିଜୟ କଲେ ଭାନୁମତୀ
ବ୍ୟାସଙ୍କର କୋଳେ ବସିଲେ କୁରୁପତି । ୩୦୭
ଯେସନେକ ପ୍ରଦାନ ଯେ ବିଭା ସୋମ ଗୋତ୍ରେ
ଦେଶ କାଳ ବାକ୍ୟ ଉଚ୍ଚାରନ୍ତି ଉଦ୍ଧାଳକ ପୁରୋହିତେ । ୩୦୮
ସତ୍ୟ ବାକ୍ୟେଣ ବରମ ସୀଉକାର ସାରି
ବିଭା ସମୃର୍ବେ ସେ ସମର୍ପିଲେ କୁମାରୀ । ୩୦୯
କୁଶହସ୍ତ କରାବନ୍ତି ପୁରୋହିତେ
ଡାହାଣ ବ୍ରତେକ ଶଙ୍ଖେ ଜଳ ତିଳ ଘେନି ରାୟେ ହସ୍ତେ । ୩୧୦
ଦୁହିତା ପ୍ରଦାନ କଲୁ ଦକ୍ଷିଣା ଦିଅସି ହୋରାୟେ
ଯେସନେ ବିଧାନ କରୁ ତୋହୋର ଉପାୟେ । ୩୧୧
ଶଙ୍ଖେ ଜଳ ତିଳ ଘେନିଣ ଭୂମନୁ
ପଦ୍ମେକ ଗାବ ଦିଲା ସବଚ୍ଛା କରି ଧେନୁ । ୩୧୨
ଚାରି ଲକ୍ଷ ଅଶ୍ୱ ଦିଲା ସେ ଚୋଖାର ଯେ ବାଜୀ
ପବନହୁଂ ବେଗବନ୍ତ ଅଟନ୍ତି ମହାତେଜି । ୩୧୩
ଲକ୍ଷେକ ଗଜକେ ଲକ୍ଷେ ଚାମର ଉଭାରି
ଲକ୍ଷେକ ଗଜ ଦିଲା ଶ୍ୱେତବର୍ଣ୍ଣ କରୀ । ୩୧୪
ସପତ ଭଣ୍ଡାର ଯେ ଦିଲା ଅଷ୍ଟରତ୍ନ
ଲକ୍ଷେକ ଧାଈ ଦିଲା ଗଣିକାଗଣ ମାନ । ୩୧୫

ଲକ୍ଷେକ ପାଟଛତ୍ର ବେନିଲକ୍ଷ ଉଦ୍ଦଣ୍ଡ
ରାଇଜ ସୀମା ପାଣି ଛଡାଇଲା ଚାରିଶତ ପାରିଦଣ୍ଡ । ୩୧୬
ଆଲମ୍ବ ଚାମର ଅଗଣିତ ଦିଲାକ ରାୟେ
ଅନେକ ବୀର ତୂର ସମ୍ଭ୍ରମେ ବଜାୟେ । ୩୧୭
ଅଢ଼ିବ୍ରତେକ ରଥ ସୁବର୍ଣ୍ଣେଣ ସାଜି
ରଥଙ୍କରେ ଯୋଚିଲା ଚାରି ଚାରି ବାଜୀ । ୩୧୮
ଯଉତୁକ ପାଣି ସେ ଛାଡିଲା ଦଣ୍ଡଧାରୀ
ଅନେକ ସମ୍ଭ୍ରମ କହି ତ କି ପାରି । ୩୧୯
କନ୍ୟା ସମର୍ପଣ କଲା ଭୂମନୁ ନୃପ ରାୟେ
ଲାଜା ହୋମ ସାରିଲେ ପ୍ରୋହିତ ମୁନି ଧ୍ୟାୟେ । ୩୨୦
---------
୩୦୯ ।୨ବିଭା ସମ୍ଭ୍ରମେଣ ଦିୟେ କୁମାରୀ ।

ଘୃତ ପାରଣା କଲେ ବର କନ୍ୟା ବେନି
ମୁନିଗଣ ମାନେ କଲେ ଆଶିଷ୍ୟ ଯେ ଧ୍ୱନି । ୩୨୧
ଚିର ଆଷ୍ୟ ହୋଅ ତୁ ଶୁଭ ସୁଲକ୍ଷଣୀ
ସୌଭାଗ୍ୟବନ୍ତୀ ମାନେ ବନ୍ଦାଇଲେ ଅର୍ଘ୍ୟ ଘେନି । ୩୨୨
ବିଭା ସାରିଣ ସେ ଗଲେ ନିଜ ପୁରେ
ଯେ ବିଧି ମୁଣୋହି କରନ୍ତି ସମ୍ଭ୍ରମେ । ୩୨୩
ଅଷ୍ଟ ଦିବସ ରହିଲେ ବିଭା ମଙ୍ଗଳ ଯୋଗେ
ପୁଣି ହିଂ ବିଭା ହୋଇଲା ଭାନୁମତୀକି ସେହି ବାଗେ । ୩୨୪
ୟେଥୁ ଅନନ୍ତରେ ଶୁଣ ବଇବସୁତ ମନୁ
ବିଭା ସାରି ଚଳଇ ଯେ ଧୃତରାଷ୍ଟର ତନୁ । ୩୨୫
ରଥ ଗଜ ଅଶ୍ୱ ସଇନି ପାଦାନ୍ତି
ଚଳନ୍ତି ହସ୍ତିନାକୁ କୁରୁବଇ ବୀର କ୍ଷତ୍ରୀ । ୩୨୬
ପ୍ରବେଶ ହୋଇଲେ ଯାଇ କୁଞ୍ଜଗଳ ଦେଶେ
ଭୀଷ୍ମ ବିଦୁରେ କହିଲେ ଧୃତରାଷ୍ଟର ପାଶେ । ୩୨୭
ଭୋ ଦେବ ଅବଧାନ ହୋଅସି କହଇ ସଞ୍ଜୟେ
ବଡ ସମ୍ଭ୍ରମେ ଆସନ୍ତି ତୋହୋର ତନୟେ । ୩୨୮
ଭାନୁମତ ଦେଶର ଭୂମନୁ ବୋଲି ରାଜା
ଦକ୍ଷିଣ କୋଶଳେ ଅନେକ ତାଙ୍କୁ ପୂଜା । ୩୨୯
ତାହାର ଦୁହିତା ଯେ ଅଟଇ ଭାନୁମତୀ
ଦ୍ରିଯୋଧନକୁ ପ୍ରଦାନ କଲା ସେ ନୃପତି । ୩୩୦
କନ୍ୟାକଇ ଘେନି ସେ ଅନେକ ସମ୍ଭ୍ରମେ
ବହୁତ ଯେ ଯଉତୁକ ଦିଲାକ ନୃପବରେ । ୩୩୧-୪୭୭୪ ।
------
୩୨୧ ।୧ ଅମୃତ ପାରଣା ବିଭା ଶୁଭ ଯୋଗେ କଲେ ବର କନ୍ୟା ଘେନି ।
୩୨୨ ।୧ଚିର ଆଷ୍ୟ-ଚିର ଆୟୁଷ-ଚିର ଆୟୁ - ଦୀର୍ଘାୟୁ
*********